# Akashvani, Sambalpur

## SAMBALPURI NEWS BULLETIN

### 7 September 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ସମ୍ବଲପୁର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ବୀର ସୁରେନ୍ଦ୍ର ସାଏଙ୍କର୍ ଜନମ୍ ମାଏଟ୍ ଖିଣ୍ଡା ସହେତେ ସମ୍ବଲ୍‌ପୁରର୍ ସବୁ ସ୍ୱାଧୀନତା ସଂଗ୍ରାମୀ ପୀଠର୍ ଉନ୍ନତିକରଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍ନା କରିଛନ୍ । ସମ୍ବଲ୍‌ପୁର୍ ଠାନେ ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ପଶ୍ଚିମ ଓଡ଼ିଶାର୍ ଭିତ୍‌ରିଆ ଇଲାକାକେ ଗୁଟେ ପର୍ଯ୍ୟଟନ୍ କ୍ଷେତ୍ର ଭାବେ ବିକଶିତ୍ କରାଯିବା । ହୀରାକୁଦ୍, ଡ୍ରେବିଗଡ୍, ସମ୍ବଲ୍‌ପୁର୍ ସହର୍, ସମଲେଇମନ୍ଦିର୍ ସହେତେ ହରିଶଙ୍କର୍, ନୃସିଂହନାଥ୍ ପୀଠକେ ଭିଲ୍ ବିକଶିତ୍ କରାଯିବା । ସେନ୍ତା ପୂର୍ବ ଓଡ଼ିଶାନୁ ପଶ୍ଚିମ ଓଡ଼ିଶାକେ ଜୁଡ଼ିକରି ଗୁଟେ ଶିଳ୍ପ କରିଡ଼ର୍ ତିଆର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ସବୁ ଜିଲ୍ଲାକେ ସର୍‌କାର୍ ଇହାଦେ ଯାଇକରି ଜନଶୁଣାଣି କରୁଛନ୍ । ଆଏବା ଦିନେ ଦର୍‌କାର୍ ପଡ୍‌ଲେ

ଜିଲ୍ଲାମାନ୍‌କେ କେବିନେଟ୍ ବୈଠକ୍ ଭିଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଘୋଷ୍‌ନା କରିଛନ୍ ।

ଚନ୍ଦ୍ରଗ୍ରହଣ୍          ଆର୍‌ଏନ୍‌ୟୁ/ ସମ୍ବଲପୁର/ ପୁରୀ ସମ୍ବାଦଦାତା

ଇ ବଛ୍‌ରର୍ ପହେଲା ବିରଳ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ୍ ଆଏଜ୍ ହେବା । ଇ ମହାଜାଗତିକ ଦୃଶ୍ୟ ଭାରତ୍‌ର ସବୁ ଜାଗା ନ ଦୃଶ୍ୟମାନ୍ ହେବା । ରାତିର୍ ୯ ବାଜିକରି ୫୭ ମିନିଟ୍‌ଥି ଗ୍ରହଣ୍ ଛିଇଁବା ଆଉ ରାତିର୍ ୧୧ ବାଜିକରି ୧ ମିନିଟ୍‌ଥି ପୂର୍ଣ୍ଣଗ୍ରାସ ଗ୍ରହଣ୍ ମୁଲ୍ ହେଇକରି ଡେରିରାତି ୧ ବାଜିକରି ୨୭ ମିନିଟ୍‌ଥି ଗ୍ରହଣ ସର୍ବମୋକ୍ଷ ହେବା । ଚନ୍ଦ୍ରଗ୍ରହଣ୍ ଲାଗି ଦିନର୍ ୧୨ ବାଜିକରି ୫୭ ମିନିଟ୍‌ନୁ ପାକତ୍ୟାଗ କରାଯିବା । ରାତି ୧ ବାଜିକରି ୨୨ ମିନିଟ୍‌ତକ୍ ହେବାର୍‌କେ ଥିବା ଇ ଗ୍ରହଣ୍‌କେ ଖାଲି ଆଖିଥି ଭିଲ୍ ଦେଖିହେବା ବଲି ବିଶେଷଜ୍ଞମାନେ ସୂଚ୍‌ନା ଦେଇଛନ୍ ।

ଚନ୍ଦ୍ରଗ୍ରହଣ୍ ଲାଗି ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି ହେଉଛେ । ଗଲା ରାତି ୨ ବଜେନୁ ଦୁଆର ଫିଟାଯିବାର୍ ସହେତେ ୨ ବାଜିକରି ୪୦ ମିନିଟ୍ ଭିତ୍‌ରେ ମଙ୍ଗଳ ଆଲ୍‌ତୀ ହେଇଥିଲା । ତାର୍ ଉତ୍‌ରୁ ସବୁଦିନିଆ ନୀତିକାନ୍ତି ମୁଲ୍ ହେଇକରି ଦିନର୍ ସାଢ଼େ ୧୨ ବଜେତକ୍ ଚାଲ୍‌ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ସମ୍ବଲପୁର୍ ସମଲେଶ୍ୱରୀ ମନ୍ଦିର୍ ନ ସଖାଲର୍ ମଙ୍ଗଲ ଆଲ୍ତି ଆଉ ବାକି ନୀତିକାନ୍ତି ଉତ୍ରୁ ଦିନର୍ ୧୧ ବାଜିକରି ୪୫ ମିନିଟ୍ ତକ୍ ଦର୍ଶନ୍ ଚାଲ୍ବା । ତାର୍ ଉତ୍ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହେବା ।

ଗଜ୍ପତି ମହାରାଜ୍ ପୁରୀ ସମ୍ବାଦଦାତା

ଇସ୍କନ୍ର ଅଦିନିଆ ସ୍ନାନ ଯାତ୍ରା ଆଉ ରଥ୍ଯାତ୍ରା ଶାସ୍ତ୍ର ପରମ୍ପରା ବିରୋଧୀ ଆଏ ବଲି ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହ ଦେବ କହିଛନ୍ । ରାଜ୍ୟ ଅତିଥି ଭବନ୍ ଠାନେ ଗଲାକାଏଲ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ଗଜପତି ମହାରାଜ୍ କହିଛନ୍, ୫୦ ବଛର୍ ହେଲା ବଡ଼ ଭୁଲ୍ ହେଇ ଚାଲିଛେ । ଇଥିର୍ଲାଗି ବିପତି ପଡୁଛେ । ଅଦିନିଆ ସ୍ନାନଯାତ୍ରା ଆଉ ରଥଯାତ୍ରା ବନ୍ଦ୍ କର୍ବାର୍ ଲାଗି ମାୟାପୁରୀକେ ଶହେ ପୃଷ୍ଠାର୍ ଦସ୍ତାବିଜ୍ ପଠାଯାଇଛେ । ମାସେ ଭିତ୍ରେ ଇସ୍କନ୍ ଗଭର୍ଣ୍ଣିଂବଡ଼ି ଇ ଉପ୍ରେ ପଦକ୍ଷେପ୍ ନଉନ୍, ନାଇହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଗଜପତି ମହାରାଜ୍ କହିଛନ୍ ।

(ଭଏସ୍ ଓଭର୍ -ଗଜ୍ପତି ମହାରାଜ୍ )

ଇ ସମ୍ମିଲନୀଥି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ ଭିଲ୍ ଯୋଗ୍ଥିଲେ ।

ସାର ଯୋଗାଣ I&PR

ରାଜ୍ୟ ସର୍କାର୍ ଇ ମାସେ ଚାଷୀମାନ୍‌କୁ ୮୦ ହଜାର୍ ୧୪ ମେଟ୍ରିକ୍ ଟନ୍ ୟୁରିଆ ସାର ଯୁଗେଇ ଦେବେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ସାର ଯୋଗାଣ ଥିତିର୍ ସମୀକ୍ଷା କରିକରି ସମବାୟ ମନ୍ତ୍ରୀ କହିଛନ୍, ମାର୍କଫେଡ୍ ତର୍‌ଫୁ ପେକ୍ସ, ଲେମ୍ପସ୍ ଜରିଏ ଚାଷୀମାନ୍‌କୁ ଶହେ ପ୍ରତିଶତ୍ ସାର୍ ଯୁଗେଇ ଦିଆଯିବା । ଇଥି କେନ୍‌ସି ଅସୁବିଧା ନାଇଁ ହୁଏ । ସର୍କାର୍ ଶୃଙ୍ଖଲିତ୍ ସାର ଯୋଗାଣ ବ୍ୟବସ୍ଥାକେ ଗୁରୁତ୍ୱ ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

ସ୍ପେଶାଲ୍ ଓଟିଇଟି କଟକ୍ ସମ୍ବାଦଦାତା

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ପେଶାଲ୍ ଓଟିଇଟି ଆଏବା ୨୭ ତାରିଖ୍ ଦିନ ହେବା । ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ପରିଚାଲିତ୍ ହେଉଥିବା ଇ ପରୀକ୍ଷା ୨ ଟା ସିଟିଂଥି କରାଯିବା । ପହେଲା ପେପର୍ ସଖାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ଆଉ ଦୁଇ ନମ୍ବର୍ ପେପର୍ ମଏଧାନର୍ ୨ ବଜେନୁ ସାଢ଼େ ୪ ବଜେତକ୍ ହେବା । ଇଥିର୍‌ଲାଗି ପରୀକ୍ଷାର୍ଥୀମାନେ ଆଏବା ୧୭ ତାରିଖ୍‌ନୁ ବୋର୍ଡ଼ ୱେବ୍‌ସାଇଟ୍‌ନୁ ଏଡ଼ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ ।

‘ଆସ ସ୍କୁଲ୍ ଯିବା’ କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସମ୍ମିଲନୀ କକ୍ଷ ନ ‘ଆସ ସ୍କୁଲ୍ ଯିବା’ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଡ୍ରପ୍ଆଉଟ୍ ଆଉ ସ୍କୁଲ୍ ନାଇଁଯାଇଥିବା ଛୁଆମାନ୍କର୍ ବିଷେଥି ଆଲୋଚନା କରାଯାଇଥିଲା । ବୈଠକ୍ର ସୂଚ୍ନା ଅନ୍ସାରେ ଜିଲ୍ଲାର୍ ୫ ହଜାର୍ ୮ ଶହ ୭ ଝନ୍ ଛାତ୍ରଛାତ୍ରୀ ପାଠ୍ପଢ଼ାନୁ ବଂଚିତ୍ ଅଛନ୍ । ସେଥିର୍ ଭିତ୍ରୁ ୪ ହଜାର୍ ୭ ଶହ ୩୫ ଝନ୍ ଛାତ୍ରଛାତ୍ରୀ ଅଧାନୁ ପାଠ୍ପଢ଼ା ଛାଡ଼ିଥିଲା ବେଳେ ହଜାରେ ୭୨ ଝନ୍ ଛାତ୍ରଛାତ୍ରୀ ବିଲ୍କୁଲ୍ ସ୍କୁଲ୍ ନାଇଁ ଯାଇ । ଇ ଛାତ୍ରଛାତ୍ରୀମାନ୍କୁ ଫେର୍ଘାଏ ସ୍କୁଲ୍ ମୁହାଁ କର୍ବାର୍ ଲାଗି ଚେରେଷ୍ଟା କର୍ବାର୍କେ ବୈଠକ୍ଥି ଆଲୋଚନା ହେଇଛେ ।

ଚକ୍ଷୁଦାନ୍ ପକ୍ଷ ପାଳିତ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଭବାନୀପାଟ୍ନା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କେନ୍ଦ୍ର ନ ଜାତୀୟ ଚକ୍ଷୁଦାନ୍ ପକ୍ଷ ପାଳିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିହାରେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି ଚକ୍ଷୁଦାନ୍ର ମହାନତା ବାବ୍ଦେ ବୁଝେଇଥିଲେ । ସେପ୍ଟେମ୍ବର୍ ୮

ତାରିଖ୍ତକ୍ ହେବାର୍କେ ଥିବା ଚକ୍ଷୁଦାନ୍ ପକ୍ଷ ଅବ୍ସରେ ଜିଲ୍ଲା ଆଉ ବ୍ଲକ୍ ସ୍ତର୍ ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ଲଘୁଚାପ୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ବିଜ୍ଲି, ଘଡ଼୍ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ । ସୁନ୍ଦର୍ଗଡ଼୍, ମୟୁର୍ଭଞ୍ଜ୍, କେନ୍ଦୁଝର, ଗଞ୍ଜାମ୍ ଆର୍ ଗଜପତି ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।